# ମାଟ୍ରିକ ଟପ୍ପର ଏବଂ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

## ଜୀବନରେ ସଫଳତା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯ ମେ: ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପର ମାନଙ୍କୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ କହିଛନ୍ତି । ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ମାଧମିକ ଶିକ୍ଷା ବୋର୍ଡ (BSE), ସିବିଏସଇ (CBSE) ଏବଂ ଆଇସିଏସଇ (ICSE) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ ।




ଏହି ଅବସରରେ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ ।

କୃତିତ୍ୱ ହାସଲକାରୀମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା ସମର୍ପଣ, ଶୃଙ୍ଖଳା, ଦୃଢ଼ତା ଏବଂ ସାହସକୁ ପ୍ରତିଫଳିତ କରେ। ସେମାନଙ୍କର ସଫଳତା ରାଜ୍ୟକୁ ଗର୍ବିତ କରିଛି ଏବଂ ଅଗଣିତ ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇ ଦେଇଛି ବୋଲି ରାଜ୍ୟପାଳ କହିଥିଲେ।

ରାଜ୍ୟପାଳ ଏହା ମଧ କହିଥିଲେ ଯେ ଶିକ୍ଷାଗତ ସଫଳତା ଏକ ବୃହତ ଯାତ୍ରାର ଆରମ୍ଭ ମାତ୍ର ବୋଲି କହିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସମାଜ ଏବଂ ଦେଶର କଲ୍ୟାଣ ପାଇଁ ଦୃଢ଼ ଏବଂ ପ୍ରତିବଦ୍ଧ ରହିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ଜଣେ ବ୍ୟକ୍ତିକୁ ଦାୟିତ୍ୱବାନ ନାଗରିକ ଏବଂ ଭଲ ମଣିଷରେ ପରିଣତ କରେ ।

ରାଜ୍ୟପାଳ କହିଥିଲେ ଯେ ଦେଶକୁ କେବଳ ପ୍ରତିଭାଶାଳୀ ବୁଦ୍ଧିଧାରୀ ନୁହେଁ ବରଂ ସଚ୍ଚୋଟ, ସହାନୁଭୂତିଶୀଳ ଏବଂ ସେବା ମନୋଭାବ ସହିତ ଦୟାଳୁ ନାଗରିକଙ୍କ ମଧ୍ୟ ଆବଶ୍ୟକତା ଅଛି। ଜୀବନ ଯେଉଁଠାକୁ ବି ନେଇଯାଏ ସେଠାରେ ସଚ୍ଚୋଟତା, ନମ୍ରତା ଏବଂ ଦୟା ଆପଣାଏଇବାକୁ କରିବାକୁ ରାଜ୍ୟପାଳ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।




ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି (NEP)-୨୦୨୦ ର କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହି ନୀତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନୀତି, ନେତୃତ୍ୱ ଏବଂ ଜୀବନ କୌଶଳକୁ ପୋଷଣ କରିବା ସହିତ ସାମଗ୍ରିକ ଏବଂ ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି।

ମାର୍ଗଦର୍ଶନ, ତ୍ୟାଗ ଏବଂ ପ୍ରୋତ୍ସାହନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରାମର୍ଶଦାତାଙ୍କ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିବା ସହିତ ଏକ ନ୍ୟାୟପୂର୍ଣ୍ଣ, ସମାବେଶୀ ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ଦିଗରେ ଯୋଗଦାନ ଦେବାକୁ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା ।

ଐଶ୍ୱର୍ଯ୍ୟା ସାମନ୍ତ
ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ